
# ସତ୍ୟପ୍ରକାଶ



# THE WORD OF TRUTH

JUL & AUG 2007

AN ORIYA BIMONTYLY BULLETIN
PUBLISHED BY THE CHURCH OF CHRIST

# THE VOICE OF TRUTH

Edited & Published By

Joshua & Kabita Gootam.

## CHURCH OF CHRIST

P.O.Box.No. 80, Kakinada

A.P. - 533 001,

Ph : 0884 - 2363722

**VOL. 12 July & Aug...2007 (No.5)**

Published every two months in Oriya Language for the Restoration of pure New Testament Christianity

Watch SATYA VANI on TEJA Channel Every Saturday and every Tuesday on MAA TV at 6:30 am and every Thursday on VISSA TV at 7:00 a.m. in Telugu Language.

**Speakers : Joshua Gootam & Ricky Gootam**

Write for free Bible Correspondence Course in Telugu & Oriya to:

The Director
Bible Correspondence Course
P.O.Box. 80, KAKINADA - 533 001.

# ସତ୍ୟବାଣୀ

# VOICE OF TRUTH

**VOL - XII KAKINADA JULY-AUG**


## ତାଡ଼ନା ଜନିତ ଆଶୀର୍ବାଦ

## (The Blessing of Presecution)

ତାଡ଼ନାର ଅର୍ଥ ଅତ୍ୟାଚାର, ବିରୋଧ, ବିଦ୍ରୋହ ଓ ଶାସ୍ତି । ଆପେ ବିଶ୍ୱାସ କରୁଥିବା ପଦ୍ଧତି ଅନ୍ୟମାନେ ଅନୁସରଣ ନକଲେ ସେମାନଙ୍କୁ ତାଡ଼ନା କରନ୍ତି । ସେମାନଙ୍କୁ କ୍ଲେଶ ଦେଇ, ଶାସ୍ତି ଦେଇ ଭୟଭୀତ କରି ଆପଣା ବିଶ୍ୱାସ ଗ୍ରହଣ କରି ପାଳନ କରିବା ନିମନ୍ତେ ବାଧ କରନ୍ତି । ଏପରି ସ୍ଥିତି କେହି ଇଚ୍ଛା କରନ୍ତି ନାହିଁ, କିନ୍ତୁ ସହ୍ୟ କରିବାକୁ ବାଧ ହୁଅନ୍ତି । ପର୍ବତ ଉପଦେଶରେ ଯୀଶୁ କହିଲେ, ‘‘ଧାର୍ମିକତା ନିମନ୍ତେ ତାଡ଼ନାପ୍ରାପ୍ତ ଲୋକେ ଧନ୍ୟ, କାରଣ ସ୍ୱର୍ଗରାଜ୍ୟ ସେମାନଙ୍କର । ଲୋକେ ଯେବେ ତୁମ୍ଭମାନଙ୍କୁ ମୋ' ସକାଶେ ନିନ୍ଦା ଓ ତାଡ଼ନା କରନ୍ତି, ପୁଣି ମିଥ୍ୟାରେ ତୁମ୍ଭମାନଙ୍କ ବିରୁଦ୍ଧରେ ସମସ୍ତ ପ୍ରକାର ମନ୍ଦ କଥା କହନ୍ତି, ତେବେ ତୁମ୍ଭେମାନେ ଧନ୍ୟ । ଆନନ୍ଦ କର ଓ ଉଲ୍ଲସିତ ହୁଅ, କାରଣ ସ୍ୱର୍ଗରେ ତୁମ୍ଭମାନଙ୍କର ପୁରସ୍କାର ପ୍ରଚୁର, ସେହିପରି ତ ସେମାନେ ତୁମ୍ଭମାନଙ୍କ ପୂର୍ବବର୍ତ୍ତୀ ଭାବବାଦୀମାନଙ୍କୁ ତାଡ଼ନା କରିଥିଲେ ।’’ (ମାଥିଉ ୫:୧୦-୧୨)

ଅନେକ ଭାବବାଦୀମାନେ ହତ ହୋଇଥିଲେ । ବିଶ୍ୱସ୍ତ ଲୋକେ ତାଡ଼ନା ସହ୍ୟ କରିଥିଲେ ବୋଲି ଏବ୍ରୀ ପୁସ୍ତକକର୍ତ୍ତା ଆମ୍ଭମାନଙ୍କ ଏବ୍ରୀ ୧୧:୩୩-୪୦ ପଦରେ କହିଅଛନ୍ତି । ଯାହା କହେ, ‘‘ବିଶ୍ୱାସ ଦ୍ୱାରା ସେମାନେ ରାଜ୍ୟଗୁଡ଼ିକ ଜୟ କଲେ, ଧର୍ମ ସାଧନ କଲେ । ପ୍ରତିଜ୍ଞାର ଫଳ ପ୍ରାପ୍ତ ହେଲେ, ସିଂହମାନଙ୍କ ମୁଖ ବନ୍ଦ କଲେ । ଅଗ୍ନିର ତେଜ ନିବାରଣ କଲେ, ଖଡ଼୍ଗଧାରରୁ ରକ୍ଷା ପାଇଲେ, ଦୁର୍ବଳ ସମୟରେ ସବଳ ହେଲେ, ଯୁଦ୍ଧରେ ବିଜୟୀ ହେଲେ, ପୁଣି ବିଜାତୀୟମାନଙ୍କର ସୈନ୍ୟମାନଙ୍କୁ ବିତାଡ଼ିତ କଲେ । ସ୍ତ୍ରୀଲୋକମାନେ ଆପଣା ଆପଣା ମୃତମାନଙ୍କୁ ପୁନଃରୁଥାନ ଦ୍ୱାରା ପ୍ରାପ୍ତ ହେଲେ,

ଅନ୍ୟମାନେ ଉତ୍କୃଷ୍ଟତର ପୁନଃରୁତ୍ଥାନ ପ୍ରାପ୍ତ ହେବା ନିମନ୍ତେ ଉଦ୍ଧାର ପାଇବାକୁ ଇଚ୍ଛା ନକରି ମହାଯନ୍ତ୍ରଣା ଭୋଗ କଲେ । ଅନ୍ୟମାନେ ବିଦ୍ରୁପ, କୋରଡ଼ା ପ୍ରହାର, ହଁ, ବନ୍ଧନ ଓ କାରାବାସ ଦ୍ୱାରା ସୁଦ୍ଧା ପରୀକ୍ଷିତ ହେଲେ, କେହି ଅବା ପ୍ରସ୍ତରାଘାତରେ ହତ, କେହି ଅବା ନିର୍ଯ୍ୟାତିତ, କେହି କରତ ଦ୍ୱାରା ଦ୍ୱିଖଣ୍ଡିତ, ପୁଣି କେହି ଅବା ଖଡ୍‌ଗ ଦ୍ୱାରା ନିହତ ହେଲେ, କେହି କେହି ମେଷ ଓ ଛାଗଳର ଚର୍ମରେ ଆଚ୍ଛାଦିତ, ଅଭାବଗ୍ରସ୍ତ, କ୍ଲିଷ୍ଟ ଓ ନିଗ୍ରହପ୍ରାପ୍ତ ହୋଇ ପ୍ରାନ୍ତର, ପର୍ବତ, ଗୁହା, ପୁଣି ପୃଥିବୀର ଗହ୍ୱର ଭ୍ରମଣ କଲେ, ଜଗତ ସେମାନଙ୍କର ଯୋଗ୍ୟ ନଥିଲା । ବିଶ୍ୱାସ ଦ୍ୱାରା ଏହି ସମସ୍ତେ ସୁଖ୍ୟାତି ଲାଭ କରି ସୁଦ୍ଧା ପ୍ରତିଜ୍ଞାର ଫଳ ପ୍ରାପ୍ତ ହେଲେ ନାହିଁ, ଯେଉଁ ଈଶ୍ୱର ଆମ୍ଭମାନଙ୍କ ନିମନ୍ତେ ଉତ୍କୃଷ୍ଟତର ବିଷୟ ପ୍ରସ୍ତୁତ କରି ରଖିଥିଲେ, ଯେପରି ସେମାନେ ଆମ୍ଭମାନଙ୍କ ବିନା ସିଦ୍ଧ ଲାଭ ନ କରନ୍ତି ।" (ଏବ୍ରୀ ୧୧:୩୩-୪୦)

ଯୀଶୁଖ୍ରୀଷ୍ଟ ଏକ ଉତ୍ତମ ଜୀବନଯାପନ କରି, ମନୁଷ୍ୟମାନଙ୍କ ମଙ୍ଗଳସାଧନ କରୁଥିଲେ ସୁଦ୍ଧା, ସେ ସମୟର ଧର୍ମ ନେତାମାନେ ତାହାଙ୍କ ବିରୁଦ୍ଧରେ କଥା କହୁଥିଲେ । ଏତଦ୍ୱାରା ସେମାନେ ତାହାଙ୍କୁ ବିଶ୍ୱାସଘାତ, ମିଥ୍ୟାସାକ୍ଷୀ, ନିନ୍ଦା କରି କ୍ରୁଶରେ କ୍ରୁର ରୂପେ ହତ୍ୟା କରିଥିଲେ । (ମାଥିଉ ୨୭,୨୮ ପର୍ବ) ତାହାଙ୍କ ମୃତ୍ୟୁ, ସମାଧି ଓ ପୁନଃରୁତ୍ଥାନ ପରେ ସେ ଆପଣା ଶିଷ୍ୟମାନଙ୍କୁ ପରିଚର୍ଯ୍ୟାର ଭାର ସମର୍ପଣ କରି ସ୍ୱର୍ଗକୁ ଆରୋହଣ କଲେ । (ଲୂକ ୨୪:୪୯, ପ୍ରେରିତ ୧:୮) ସେମାନେ ପବିତ୍ର ଆତ୍ମା ପ୍ରାପ୍ତ ହୋଇ, ପେଣ୍ଟିକଷ୍ଟ ଦିନରେ ଯିରୁଶାଲମରେ ଏକତ୍ରିତ ଜନତାକୁ ଖ୍ରୀଷ୍ଟଙ୍କ ସୁସମାଚାର ପ୍ରଚାର କରିଥିଲେ (ପ୍ରେରିତ ୨:୧-୪, ୨:୩୮) ସେଦିନ ତିନି ସହସ୍ର ଲୋକେ ବାପ୍ତିଜିତ ହୋଇ ମଣ୍ଡଳୀରେ ସଂଯୁକ୍ତ ହେଲେ (ପ୍ରେରିତ ୨:୪୧,୪୭) ।

ପ୍ରେରିତମାନଙ୍କ କାର୍ଯ୍ୟ ଓ ମଣ୍ଡଳୀର ଅଭିବୃଦ୍ଧି ଧର୍ମନେତାମାନଙ୍କ ଦୃଷ୍ଟିରୁ ଅଗୋଚର ନଥିଲା । ସେମାନେ ପ୍ରେରିତ ପିତର ଓ ଯୋହନଙ୍କୁ ବେତ୍ରାଘାତ କରି କାରାଗାରରେ ବନ୍ଦୀ କରିଥିଲେ । ସଦାପ୍ରଭୁଙ୍କ ହସ୍ତ ତାହାଙ୍କୁ ସବଳ କରିଥିଲା, ସେମାନେ ସୁସମାଚାର କରିବାରେ ବିମୁଖ ନୋହିଲେ, ମଣ୍ଡଳୀ ଦିନ ପ୍ରତିଦିନ ବୃଦ୍ଧି ପାଇଲା । (ପ୍ରେରିତ ୩ ଓ ୪ ପର୍ବ) । ସ୍ତିଫାନ ଯୀଶୁଖ୍ରୀଷ୍ଟଙ୍କ ବାକ୍ୟ ନିମନ୍ତେ ପ୍ରସ୍ତାରାଘାତରେ ହତ ହୋଇଥିଲେ (ପ୍ରେରିତ ୭ ପର୍ବ) । ପ୍ରେରିତ ୮ ପର୍ବରେ ଶାଉଲ ନାମକ ଯୁବକ କିପରି ଯୀଶୁଙ୍କ ମଣ୍ଡଳୀକୁ ତାଡ଼ନା କରିଥିଲେ ପଢ଼ିଥାଉ । ମଣ୍ଡଳୀକୁ ତାଡ଼ନା ଘଟିଥିବାରୁ ବିଭିନ୍ନ ସ୍ଥାନରେ ବିଚ୍ଛିନ୍ନ ହୋଇ ପ୍ରଭୁଙ୍କ ସୁସମାଚାର ପ୍ରଚାର କରିଥିଲେ । (ପ୍ରେରିତ ୮:୪) ।

ପ୍ରେରିତମାନଙ୍କ ପୁସ୍ତକର ନବମ ଅଧ୍ୟାୟରେ ଶାଉଲ କିପରି ପରିବର୍ତ୍ତନ ହୋଇଥିଲେ ପଢ଼ିଥାଉ । ପରିବର୍ତ୍ତିତ ଶାଉଲ ଖ୍ରୀଷ୍ଟଙ୍କ ସୁସମାଚାର ପ୍ରଚାର କରିବାରେ ଆପଣା ତଦପରବର୍ତ୍ତୀ ଜୀବନ ବିତାଇଥିଲେ । ସେ ଅନ୍ୟ ପ୍ରେରିତମାନଙ୍କ ସଦୃଶ୍ୟ ତାଡ଼ିତ ହେଲେ ସୁଦ୍ଧା, ତିରିଶ ବର୍ଷ ସମୟ ପାରିଧିରେ ଜଗତର ପ୍ରତ୍ୟେକ ସ୍ଥାନରେ ସୁସମାଚାର ଘେନିଯିବାକୁ ସକ୍ଷମ ହୋଇଥିଲେ । (କଲସୀ ୧:୨୩) ପ୍ରକୃତରେ, ତାଡ଼ନା ଯୋଗୁଁ ସୁମାଚାର ଆହୁରି ପ୍ରବଳଭାବେ ବିସ୍ତାରିତ ହୋଇଥିଲା । ପ୍ରେରିତମାନେ ଦୁଷ୍ଟ, ବିଦ୍ରୋହୀ ହେବା ଯୋଗୁଁ ସେମାନେ ତାଡ଼ନା ପ୍ରାପ୍ତ ହୋଇନଥିଲେ, କିଅବା ପ୍ରାପ୍ତ ହେବାକୁ ସେମାନେ ଆଗ୍ରହୀ ନ ଥିଲେ, କିଅବା ଖ୍ରୀଷ୍ଟଧର୍ମ ଗ୍ରହଣ କରିବା ନିମନ୍ତେ ଅନ୍ୟମାନଙ୍କୁ ବାଧ୍ୟ କରୁନଥିଲେ । କିନ୍ତୁ ସେମାନେ ଅନ୍ୟମାନଙ୍କ ମଙ୍ଗଳ ସାଧନ କରି ଶାନ୍ତି, ସମାଧାନରେ ନିବାସ କରିବା ସେମାନଙ୍କ ଜୀବନର ଲକ୍ଷ୍ୟ ଥିଲା । କିନ୍ତୁ ଯେଉଁମାନେ ଯୀଶୁଖ୍ରୀଷ୍ଟଙ୍କୁ ଈଶ୍ୱରଙ୍କ ପୁତ୍ରରୂପେ ବିଶ୍ୱାସ କଲେ ନାହିଁ, ସେମାନେ ବିଶ୍ୱାସୀମାନଙ୍କ ପ୍ରତି କଠୋର ଥିଲେ । ଖ୍ରୀଷ୍ଟଧର୍ମ ସମ୍ପୂର୍ଣ୍ଣଭାବେ ବିଲୁପ୍ତ କରିବାକୁ ସେମାନେ ଚେଷ୍ଟାରେ ବିଫଳ ହେଲେ । ପରମେଶ୍ୱର ଆପଣା ପ୍ରଜାମାନଙ୍କ ସହବର୍ତ୍ତୀ ଥିଲେ ଏବଂ ତାଡ଼ନା ଦ୍ୱାରା ସେମାନେ ଆହୁରି ସବଳ ଭାବେ ପ୍ରଭୁଙ୍କ କାର୍ଯ୍ୟ କରିବାକୁ ସକ୍ଷମ ହୋଇଥିଲେ ।

ଆଜିର ଦୁନିଆରେ ଖ୍ରୀଷ୍ଟିୟାନମାନେ ସ୍ଥାନେ ସ୍ଥାନେ ତାଡ଼ନା ଭୋଗ କରୁଅଛନ୍ତି । ଅନେକ ଦେଶରେ ଧର୍ମ ସମ୍ବନ୍ଧୀୟ ସ୍ୱାଧୀନତା ନାହିଁ । ଅନ୍ୟମାନେ ଖ୍ରୀଷ୍ଟଧର୍ମକୁ ଏକ ଲଘୁ ମତବାଦ ରୂପେ ପରିଗଣିତ କରି ବଦ୍‌ନାମ କରିବାରେ ଲାଗିରହନ୍ତି । ଅନେକ ସ୍ଥାନରେ ବିଭିନ୍ନ ଭାବେ ଖ୍ରୀଷ୍ଟିୟାନମାନେ ତାଡ଼ନା ପ୍ରାପ୍ତ ହେଉଅଛନ୍ତି । ତଥାପି ଖ୍ରୀଷ୍ଟଧର୍ମ ପ୍ରଚାରିତ ହେଉଅଛି ଓ ଖ୍ରୀଷ୍ଟଧର୍ମ ବିସ୍ତାରିତ ହୋଇଚାଲିଛି । 'ତାଡ଼ନା' ପ୍ରକୃତରେ ଖ୍ରୀଷ୍ଟଧର୍ମର ଶତ୍ରୁ ନୁହେଁ । କିନ୍ତୁ ଜଗତର ଭୋଗବିଳାସ, ସାଂସାରିକ ମନୋଭାବ, ଶାରୀରିକ ଅଭିଳାଷ, ଖ୍ରୀଷ୍ଟଙ୍କ ସୁସମାଚାର ଜଗତରେ ବିସ୍ତାରିତ ହେବାକୁ ବିଘ୍ନ ସୃଷ୍ଟି କରେ ।

ଖ୍ରୀଷ୍ଟଙ୍କ ଠାରେ ଦୃଢ଼ ବିଶ୍ୱାସ ଦ୍ୱାରା ଆମ୍ଭେମାନେ ସର୍ବସୃଷ୍ଟିରେ ତାହାଙ୍କ ସୁସମାଚାର ପ୍ରଚାର କରି ଅନ୍ୟମାନଙ୍କୁ ଖ୍ରୀଷ୍ଟଙ୍କ ଠାରେ ଆଣିପାରିବା । ଆମ୍ଭମାନଙ୍କ ଉତ୍ତମ କାର୍ଯ୍ୟ ଅନ୍ୟମାନଙ୍କୁ ଖ୍ରୀଷ୍ଟ ଠାରେ ଆକର୍ଷିତ କରିବ । ଆମ୍ଭମାନଙ୍କ କାର୍ଯ୍ୟକୁ ନିଶ୍ଚିତ ଭାବେ ଅନ୍ୟମାନେ ନିନ୍ଦା କରିବେ, ହିଂସା କରିବେ, ତାଡ଼ନା କରିବେ । ଏପରି

ସମୟରେ ଆମର କର୍ତ୍ତବ୍ୟ କଅଣ ? ବିଶ୍ୱସ୍ତ ଓ ନିର୍ବିଘ୍ନ ଭାବେ ପରମେଶ୍ୱରଙ୍କ କାର୍ଯ୍ୟ କଲେ, ମଣ୍ଡଳୀ ସୁଦୃଢ଼ ହେବ, ଅନେକ ପରମେଶ୍ୱରଙ୍କ ବାକ୍ୟ ଶୁଣି ଗ୍ରହଣ କରିବେ, ଏବଂ ଆମ୍ଭେମାନେ ଖ୍ରୀଷ୍ଟଙ୍କ ନିମନ୍ତେ ଏହି ଜଗତକୁ ବଦଳାଇ ପାରିବା । ଖ୍ରୀଷ୍ଟଙ୍କ ନିମନ୍ତେ ତାଡ଼ନା ପ୍ରାପ୍ତ ହେଲେ ତାହା ଖବରକାଗଜ, ଟିଭି ପ୍ରକୃତି ଦ୍ୱାରା ପ୍ରସାରିତ ହେବ ଏବଂ ଅନ୍ୟମାନେ ଖ୍ରୀଷ୍ଟଙ୍କ ବିଷୟରେ ଜାଣିପାରିବେ । ଅନ୍ୟପକ୍ଷରେ, ଖ୍ରୀଷ୍ଟଙ୍କ ସୁସମାଚାର ପ୍ରଚାର କରିବାକୁ ବିଘ୍ନ କରିବା ଲୋକେ, ପରୋକ୍ଷଭାବେ ବିସ୍ତାରଣରେ ସାହାଯ୍ୟ କରିବେ ।

ଅତଏବ, ତାଡ଼ନା ଦ୍ୱାରା ଏପରିଭାବେ ଜଗତ ଆଶୀର୍ବାଦ ପାଇବ । ଆମ୍ଭେମାନେ ବିଶ୍ୱସ୍ତ ରହିଲେ ସେ ଆମ୍ଭମାନଙ୍କୁ ଜୟ ପ୍ରଦାନ କରିବେ । "ପ୍ରକୃତରେ ଯେଉଁମାନେ ଖ୍ରୀଷ୍ଟଯୀଶୁଙ୍କ ସହଭାଗିତାରେ ଧର୍ମଜୀବନ ଯାପନ କରିବାକୁ ଇଚ୍ଛା କରନ୍ତି, ସେମାନେ ତାଡ଼ନା ଭୋଗ କରିବେ ।" (୨ ତିମଥି ୩:୧୨)

***- J.C. Choate***

❃❃❃

# ଆଲୋକର ସନ୍ତାନଗଣ
## (Children of Light)

କ୍ରୂର, କଠୋର, ଡକାଇତ କେତେକ ମନୁଷ୍ୟମାନଙ୍କ ବ୍ୟତୀତ କେହି ଅନ୍ଧକାରକୁ ଭଲ ପାଆନ୍ତି ନାହିଁ । ଏପରି ମନୁଷ୍ୟମାନଙ୍କୁ ଅଧିକାରୀମାନେ ଘୋର ଅନ୍ଧକାରରେ ବନ୍ଦୀ କରି ରଖିଥାନ୍ତି । ସୁବିଧାକାରୀ ସଦାପ୍ରଭୁ ବିଦ୍ରୋହୀ ଶୟତାନର ଶିଷ୍ୟମାନଙ୍କୁ ଘୋର ଅନ୍ଧକାରରେ ବନ୍ଦୀ କରି ରଖିଅଛନ୍ତି । (ଯିହୂଦା ୬ଷ୍ଠ ପଦ) । ମିସର ରାଜା ଫାରୋଙ୍କ କଠୋରତା ସକାଶେ, ସଦାପ୍ରଭୁ ତିନିଦିନ ସକାଶେ ଅନ୍ଧକାରରେ ରଖିଥିଲେ । ଅନ୍ଧକାରର ଶକ୍ତିସମୂହ ସହିତ ଯୁଦ୍ଧ କରିବା ନିମନ୍ତେ, ପରମେଶ୍ୱରଙ୍କ ଦତ୍ତ ସଜ୍ଜା ଧାରଣ କର ବୋଲି ପାଉଲ ଆମ୍ଭମାନଙ୍କୁ ଏଫିସୀ ୬:୧୨ ପଦରେ କହିଅଛନ୍ତି । ମନ୍ଦତା, ଦୁଷ୍ଟତା, ମୃତ୍ୟୁ ଅନ୍ଧକାରର ପ୍ରତୀକ ।

ଆମ୍ଭମାନଙ୍କ ସଦାପ୍ରଭୁ ସ୍ୱର୍ଗ ଓ ପୃଥିବୀ ସୃଷ୍ଟି କରିବା ସମୟରେ, "ପୃଥିବୀ ନିର୍ଜ୍ଜନ ଓ ଶୂନ୍ୟ ଥିଲା, ଆଉ ଗଭୀର ଜଳ ଉପରେ ଅନ୍ଧକାର ଥିଲା । ପୁଣି ପରମେଶ୍ୱରଙ୍କ

ଆତ୍ମା ଜଳ ଉପରେ ବ୍ୟାପ୍ତ ଥିଲା ।'' (ଆଦି ୧:୨,୩) ସଦାପ୍ରଭୁ ପୃଥିବୀରେ କୌଣସି ଜୀବର ସୃଷ୍ଟି କରିବା ପୂର୍ବେ, ପ୍ରଥମେ ଆଲୋକ ସୃଷ୍ଟି କରିଥିଲେ । ''ଅନନ୍ତର ପରମେଶ୍ୱର କହିଲେ ଦୀପ୍ତି ହେଉ, ତହିଁରେ ଦୀପ୍ତି ହେଲା ।'' (ଆଦି ୧:୩) ଆଲୋକ ବିନୁ ଏହି ଜୀବଜଗତ ମୃତତୂଲ୍ୟ । ଏହି ଜଗତରେ ଅସଂଖ୍ୟ ଜୀବଜନ୍ତୁର ପ୍ରାଣ, ସବୁଜ ଜଗତ ଉପରେ ନିର୍ଭର କରେ । ସବୁଜ ଜଗତର ଅସ୍ତିତ୍ୱ ଆଲୋକ ଉପରେ ନିର୍ଭର କରେ । ଜୀବନ ନିମନ୍ତେ ଆଲୋକ ଅତ୍ୟାବଶ୍ୟକ । ଆଲୋକ ବିନୁ ଜୀବନ ନାହିଁ ।

ଏହି ଜଗତ ଆତ୍ମିକ ଅନ୍ଧକାରରେ ପୂର୍ଣ୍ଣ । ''........ଈଶ୍ୱର ଜ୍ୟୋତିଃସ୍ୱରୂପ, ଆଉ ତାହାଙ୍କ ଠାରେ ଅନ୍ଧକାରର ଲେଶ ନାହିଁ । ତାହାଙ୍କ ସହିତ୍ ଆମ୍ଭମାନଙ୍କର ସହଭାଗିତା ଅଛି, ଏହା କହି ଯଦି ଆମ୍ଭେମାନେ ମିଥ୍ୟାବାଦୀ, ଆଉ ସତ୍ୟ ଆଚରଣ କରୁନଥାଉ । କିନ୍ତୁ ସେ ଯେପରି ଜ୍ୟୋତିନିବାସୀ, ଆମ୍ଭେମାନେ ଯଦି ସେହିପରି ଜ୍ୟୋତିରେ ଆଚରଣ କରୁ, ତେବେ ଆମ୍ଭମାନଙ୍କର ପରସ୍ପର ସହଭାଗିତା ଅଛି, ପୁଣି ତାହାଙ୍କ ପୁତ୍ର ଯୀଶୁଙ୍କ ରକ୍ତ ସମୟ ପାପରୁ ଆମ୍ଭମାନଙ୍କୁ ପରିଷ୍କାର କରେ ।'' (୧ମ ଯୋହନ ୧:୫-୭) । ସଦାପ୍ରଭୁ ପରମେଶ୍ୱର ଜ୍ୟୋତି ଅଟନ୍ତି ଓ ଅଗମ୍ୟ ଜ୍ୟୋତିର୍ନିବାସୀ, ଯାହାଙ୍କୁ କୌଣସି ମର୍ତ୍ତ୍ୟ କେବେ ଦେଖିନାହିଁ ।'' (୧ମ ତିମଥି ୬:୧୬) ''ସଦାପ୍ରଭୁ ମୋହର ଦୀପ୍ତି ଓ ମୋହର ପରିତ୍ରାଣ, ମୁଁ କାହାକୁ ଭୟ କରିବି ?'' (ଗୀତ ୨୭:୧) ଏବଂ ଦାଉଦ ମହାରାଜ ଲେଖନ୍ତି ।

ଯୀଶୁ କହିଲେ,''........ମୁଁ ଜଗତର ଜ୍ୟୋତି, ଯେ ମୋହର ଅନୁଗମନ କରେ, ସେ କେବେ ହେଁ ଅନ୍ଧକାରରେ ଭ୍ରମଣ କରିବ ନାହିଁ, ବରଂ ଜୀବନର ଜ୍ୟୋତି ପାଇବ ।'' (ଯୋହନ ୮:୧୨) । ତାହାଙ୍କ ବିଷୟରେ ଯୋହନ ଲେଖନ୍ତି,''ତାହାଙ୍କ ଠାରେ ଜୀବନ ଥିଲା ଓ ସେହି ଜୀବନ ମନୁଷ୍ୟମାନଙ୍କର ଜ୍ୟୋତି । ସେହି ଜ୍ୟୋତି ଅନ୍ଧକାରରେ ଜାଜ୍ୱଲ୍ୟମାନ ହୋଇ ଆସୁଅଛି, ଆଉ ଅନ୍ଧକାରର ତାହା ଗ୍ରହଣ କରିନାହିଁ ।'' (ଯୋହନ ୧:୪,୫) ଯୀଶୁଖ୍ରୀଷ୍ଟ ପ୍ରକୃତ ଜ୍ୟୋତି ଅଟନ୍ତି । ସେହି ଜ୍ୟୋତି ଦ୍ୱାରା ଅନ୍ୟମାନେ ଆଲୋକିତ ହୁଅନ୍ତି । ତାହାଙ୍କ ବିନୁ ଆମ୍ଭେମାନେ ଜ୍ୟୋତିର୍ନିବାସୀ ପିତା ପରମେଶ୍ୱରଙ୍କ ନିକଟବର୍ତ୍ତୀ ହୋଇ ନପାରୁ । ସେ ପଥ, ସତ୍ୟ ଓ ଜୀବନ । ତାହାଙ୍କ ଠାରେ ଅନନ୍ତ ଜୀବନର ବାକ୍ୟ ଅଛି । ସେ ଆପଣା ପରିଚର୍ଯ୍ୟା ଆରମ୍ଭ କରିବା ସମୟରେ, ଯିଶାଇୟଙ୍କ ଏହି ବାକ୍ୟ ସଫଳ ହୋଇଥିଲା, ଯାହା କହେ,''ଅନ୍ଧକାରବାସୀ ଲୋକେ ମହାଆଲୋକ ଦର୍ଶନ କଲେ, ଆଉ ମୃତ୍ୟୁର ଅଞ୍ଚଳ ଓ ଛାୟାରେ ଅବସ୍ଥିତ

ଲୋକଙ୍କ ନିମନ୍ତେ ଆଲୋକ ଉଦିତ ହେଲା ।'' (ମାଥିଉ ୪:୧୬) ପରମେଶ୍ୱରଙ୍କ ବାକ୍ୟ ଆମ୍ଭମାନଙ୍କ ଚରଣ ପାଇଁ ପ୍ରଦୀପ ଓ ଆମ୍ଭମାନଙ୍କ ପଥ ପାଇଁ ଆଲୁଅ ଅଟେ । (ଗୀତ ୧୧୯:୧୦୫)

ଯୀଶୁ କହିଲେ,''ତୁମ୍ଭେମାନେ ଜଗତର ଜ୍ୟୋତି.......'' (ମାଥିଉ ୫:୧୧) ଯେଉଁମାନେ ଖ୍ରୀଷ୍ଟଙ୍କ ଓ ତାହାଙ୍କ ସନ୍ତାନମାନଙ୍କ ସହଭାଗିତାରେ ରହନ୍ତି, ସେମାନେ ସମସ୍ତେ ଜଗତର ଜ୍ୟୋତି ସ୍ୱରୂପ ଅଟନ୍ତି । ଜ୍ୟୋତି ଗୋପନରେ ରଖିନପାରୁ । ଏହା ସବୁ ବିଷୟ ପ୍ରକାଶିତ କରେ । ଆମ୍ଭେମାନେ ଏହି ଜଗତର ଜ୍ୟୋତିସ୍ୱରୂପ କି ନାହିଁ କିପରି ଜାଣିପାରିବା ? ଏହାର ଉତ୍ତରରେ ପ୍ରେରିତ ପାଉଲ କହନ୍ତି,''କାରଣ ତୁମ୍ଭେମାନେ ପୂର୍ବେ ଅନ୍ଧକାରସ୍ୱରୂପ ଥିଲ, କିନ୍ତୁ ଏବେ ପ୍ରଭୁଙ୍କ ସହଭାଗିତରେ ଆଲୋକସ୍ୱରୂପ ହୋଇଅଛ, ଆଲୋକର ସନ୍ତାନସ୍ୱରୂପ ହୋଇଅଛ, ଆଲୋକର ସନ୍ତାନମାନଙ୍କ ପରି ଆଚରଣ କର, କାରଣ ସମସ୍ତ ପ୍ରକାର, ଉତ୍ତମତା, ଧାର୍ମିକତା ଓ ସତ୍ୟ ଆଲୋକର ଫଳସ୍ୱରୂପ । ଆଲୋକର ଫଳ ଆମ୍ଭମାନଙ୍କ ଜୀବନରେ ପ୍ରତିଫଳନ ହେଲେ, ଆମ୍ଭେମାନେ ଜଗତର ଜ୍ୟୋତି ହୋଇପାରିବା ।

**ଆମ୍ଭମାନଙ୍କ ପରମେଶ୍ୱର ଉତ୍ତମ ଅଟନ୍ତି :** ସଦାପ୍ରଭୁ ମଙ୍ଗଳମୟ, ଦୟାମୟ, କୃପାବାନ୍ ଓ ପ୍ରେମମୟ ଅଟନ୍ତି । ତାହାଙ୍କ କୃପା ଓ ଉତ୍ତମତା ଏହି ପୃଥିବୀ ସାରା ବ୍ୟାପ୍ତି ହୋଇଅଛି । ତାହାଙ୍କ ଉତ୍ତମତା ଯୋଗୁଁ ଏହି ପୃଥିବୀ ଓ ଜୀବରାଶି ଅସ୍ତିତ୍ୱରେ ଅଛି । ସେ ଆମ୍ଭମାନଙ୍କୁ ପ୍ରେମ କରନ୍ତି, ରକ୍ଷା କରନ୍ତି ଓ ଆଶୀର୍ବାଦ କରନ୍ତି । ସେ ଧାର୍ମିକ ଓ ଅଧାର୍ମିକ ପ୍ରତି ଉତ୍ତମ ଅଟନ୍ତି । ସମସ୍ତ ଉତ୍ତମ ଓ ସିଦ୍ଧ ବର ଆମ୍ଭମାନଙ୍କ ସ୍ୱର୍ଗୀୟ ପିତା ଠାରୁ ଆସେ । (ଯାକୁବ ୧:୧୭) ଯୀଶୁଖ୍ରୀଷ୍ଟ ଉତ୍ତମ ମେଷପାଳକ ଅଟନ୍ତି । (ଯୋହନ ୧୦:୧୧) ସେ ଆମ୍ଭମାନଙ୍କ ନିମନ୍ତେ ଆପଣା ପ୍ରାଣ ଦେଇଅଛନ୍ତି । ସେ ଏହି ଜଗତରେ ''.......ମଙ୍ଗଳ ସାଧନ କରୁ କରୁ ଓ ଶୟତାନ କର୍ତ୍ତୃକ ପ୍ରପୀଡ଼ିତ ସମସ୍ତ ଲୋକଙ୍କୁ ସୁସ୍ଥ କରୁ କରୁ ସର୍ବତ୍ର ଭ୍ରମଣ କଲେ.....'' (ପ୍ରେରିତ ୧୦:୩୮) ଉତ୍ତମ ପିତାଙ୍କ ଉତ୍ତମ ସନ୍ତାନ ହେବା ନିମନ୍ତେ ଆମ୍ଭମାନଙ୍କୁ ତାହାଙ୍କ ବାକ୍ୟ ପାଳନ କରିବା ଆବଶ୍ୟକ । ''କାରଣ ଆମ୍ଭେମାନେ ତାହାଙ୍କ ରଚନା, ଯେ ସମସ୍ତ ସତ୍‌କାର୍ଯ୍ୟ ଆମ୍ଭେମାନେ କରିବୁ ବୋଲି ଈଶ୍ୱର ପୂର୍ବରୁ ଆୟୋଜନ କରିଥିଲେ, ଆଚରଣରେ ସେହିସବୁ ସାଧନ କରିବା ନିମନ୍ତେ ଖ୍ରୀଷ୍ଟ ଯୀଶୁଙ୍କ ଠାରେ ସୃଷ୍ଟ ।'' (ଏଫିସୀ ୨:୧୦) ''କିନ୍ତୁ ଯେ ଆପଣା ଭାଇକୁ ଘୃଣା କରି କହେ ଯେ, ସେ ଜ୍ୟୋତିରେ ଅଛି, ସେ ଏପର୍ଯ୍ୟନ୍ତ

ସୁଦ୍ଧା ଅନ୍ଧକାରରେ ଅଛି । ଯେ ଆପଣା ଭାଇକୁ ପ୍ରେମ କରେ, ସେ ଜ୍ୟୋତିରେ ରହେ, ପୁଣି ତାହାଠାରେ ଝୁଣ୍ଟିବାର କୌଣସି କାରଣ ନାହିଁ ।'' (୧ମ ଯୋହନ ୨:୯-୧୦)

**ଆମ୍ଭମାନଙ୍କ ପରମେଶ୍ୱର ଧାର୍ମିକ ଅଟନ୍ତି :** (ଗୀତ ୧୧୯:୧୩୭) ''ଧାର୍ମିକ'' ବୋଲି ଏହି ପୁରାତନ ନିୟମରେ ୩୦୨ ଏବଂ ନୂତନ ନିୟମରେ ୩୨୫ ଥର ବ୍ୟବହୃତ ହୋଇଅଛି । ତାହାଙ୍କ ଚକ୍ଷୁ ଧାର୍ମିକ ବ୍ୟକ୍ତିମାନଙ୍କ ନିମନ୍ତେ ଜଗତରେ ଏଣେତେଣେ ସନ୍ଧାନ କରେ । ଅଧାର୍ମିକ ଜଗତକୁ ଜଳପ୍ଲାବନ ଦ୍ୱାରା ବିନଷ୍ଟ କରି, ଧାର୍ମିକ ନୋହ ଓ ତାହାଙ୍କ ପରିବାରକୁ ସେ ରକ୍ଷା କରିଥିଲେ । ସଦାପ୍ରଭୁଙ୍କ ପ୍ରତିଜ୍ଞାରେ ବିଶ୍ୱାସକାରୀ ଅବ୍ରାହମ, ତାହାଙ୍କ ଦୃଷ୍ଟିରେ ଧାର୍ମିକ ଗଣିତ ହୋଇଥିଲେ । ଆୟୁବଙ୍କ ଧାର୍ମିକତା ବିଷୟରେ ସ୍ୱୟଂ ସଦାପ୍ରଭୁ ଶୟତାନକୁ ସାକ୍ଷ୍ୟ ଦେଇଅଛନ୍ତି । ସଦାପ୍ରଭୁଙ୍କ ସମସ୍ତ ଆଜ୍ଞାପାଳନ କରି ଜଖରିୟ ଓ ଏଲିଜାବେଥ୍ ସଦାପ୍ରଭୁଙ୍କ ଦୃଷ୍ଟିରେ ଧାର୍ମିକ ପରିଗଣିତ ହେଲେ । (ଲୂକ ୧:୬) ।

**ପରମେଶ୍ୱରଙ୍କ ବାକ୍ୟ ଧର୍ମମୟ ଅଟେ :** ''ତୁମ୍ଭର ଆଜ୍ଞା ସକଳ ଧର୍ମମୟ'' (ଗୀତ ୧୧୯:୧୭୨)ରେ ପଢ଼ିଥାଉ, ତାହାଙ୍କ ଧର୍ମମୟ ଆଜ୍ଞାପାଳନକାରୀ ପ୍ରତ୍ୟେକ ଧାର୍ମିକ ଗଣିତ ହେବେ । ଧାର୍ମିକ ଯୀଶୁଖ୍ରୀଷ୍ଟ ଏହି ଅଧାର୍ମିକ ଜଗତ ନିମନ୍ତେ ଆପଣା ପ୍ରାଣଦାନ କରିଥିଲେ । ସର୍ବପ୍ରଥମେ ପରମେଶ୍ୱରଙ୍କ ଧାର୍ମିକତା, ଅନ୍ୱେଷଣ କରିବା ନିମନ୍ତେ ଯୀଶୁଖ୍ରୀଷ୍ଟ ଆମ୍ଭମାନଙ୍କୁ କହନ୍ତି । ଏହି ଜଗତରେ ଧାର୍ମିକ କେହି ନାହିଁ । ଯୀଶୁଖ୍ରୀଷ୍ଟଙ୍କ ରକ୍ତ ଆମ୍ଭେମାନେ ଧାର୍ମିକ ଗଣିତ ହୋଇପାରିବା । ''ଯେପରି ଜଣଙ୍କର ଅନାଜ୍ଞାବହତା ଦ୍ୱାରା ଅନେକେ ପାପୀ ହେଲେ, ସେହିପରି ମଧ୍ୟ ଜଣକର ଆଜ୍ଞାବହତା ଦ୍ୱାରା ଅନେକ ଧାର୍ମିକ ହେବେ ।'' (ରୋମୀୟ ୫:୧୯) ତାହାଙ୍କ ସହିତ ସହଭାଗିତାରେ ଥିଲେ, ତାହାଙ୍କ ଦ୍ୱାରା ଧାର୍ମିକତା ପ୍ରାପ୍ତ ହୋଇପାରିବା । ପ୍ରଥମ ଶତାବ୍ଦୀର ଖ୍ରୀଷ୍ଟିୟାନମାନେ ପ୍ରେରିତମାନଙ୍କ ଶିକ୍ଷାରେ, ସହଭାଗିତାରେ, ରୋଟୀ ଭାଙ୍ଗିବାରେ, ପ୍ରାର୍ଥନା କରିବାରେ ନିବିଷ୍ଟ ଚିତ୍ତ ହୋଇ ରହୁଥିଲେ । (ପ୍ରେରିତ ୨:୪୨) । ଆମ୍ଭମାନଙ୍କ ଧାର୍ମିକ ପିତା, ଆପଣା ସନ୍ତାନମାନେ ଧାର୍ମିକତାର ଜୀବନଯାପନ କରନ୍ତୁ ବୋଲି ଇଚ୍ଛା କରନ୍ତି । ଆମ୍ଭମାନଙ୍କ ପରମେଶ୍ୱର ସତ୍ୟମୟ ପରମେଶ୍ୱର । (ଯୋହନ ୧୭:୩) ସତ୍ୟର ପରିବର୍ତ୍ତନ ନାହିଁ । ଆମ୍ଭମାନଙ୍କ ସର୍ବଶକ୍ତିମାନ ପରମେଶ୍ୱରଙ୍କ ବାକ୍ୟ ସତ୍ୟ ଅଟେ । ସେ ଆମ୍ଭମାନଙ୍କୁ ସତ୍ୟ ଓ ଆତ୍ମାରେ ଉପାସନା କରିବା ଆଜ୍ଞା ଦେଇଅଛନ୍ତି (ଯୋହନ ୪:୨୪) । ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ସତ୍ୟ ଓ ଅନୁଗ୍ରହ ଆମ୍ଭମାନଙ୍କୁ ପ୍ରଦତ୍ତ

ହୋଇଅଛି ବୋଲି ଆମ୍ଭେମାନେ ଯୋହନ ୧:୧୪ ପଦରେ ପଢ଼ିଥାଉ । ଯୀଶୁ, ''ମୁଁ ପଥ, ସତ୍ୟ ଓ ଜୀବନ'' ବୋଲି ଆପଣା ବିଷୟରେ କହିଅଛନ୍ତି । ପରମେଶ୍ୱରଙ୍କ ବାକ୍ୟ ସତ୍ୟ ଅଟେ (ଯୋହନ ୧୭:୧୭) । ''ସତ୍ୟମୟ ଆତ୍ମା''ଙ୍କୁ ଏହି ଜଗତକୁ ଯୀଶୁ ପ୍ରେରଣ କରିଥିଲେ ଓ ସେ ଆମ୍ଭମାନଙ୍କୁ ନିତ୍ୟସତ୍ୟକୁ କଢ଼ାଇ ନିଅନ୍ତି । ଯୀଶୁଖ୍ରୀଷ୍ଟ ସତ୍ୟର ସ୍ତମ୍ଭ ଅର୍ଥାତ୍ ମଣ୍ଡଳୀକୁ ଏହି ଜଗତରେ ସ୍ଥାପନ କରିଅଛନ୍ତି । ପରିତ୍ରାଣ ପ୍ରାପ୍ତ ହେବା ବ୍ୟକ୍ତିମାନଙ୍କୁ ସେ ମଣ୍ଡଳୀର ସଂଯୁକ୍ତ କରନ୍ତି । ପରମେଶ୍ୱର ଆମ୍ଭମାନଙ୍କୁ ଅନ୍ଧକାରର କ୍ଷମତାରୁ ଉଦ୍ଧାର କରି ଆପଣା ପ୍ରିୟ ପୁତ୍ର ଯୀଶୁଖ୍ରୀଷ୍ଟଙ୍କ ରାଜ୍ୟକୁ ସ୍ଥାନାନ୍ତର କରିଅଛନ୍ତି ।

ଯୀଶୁ କହିଲେ,''ତୁମ୍ଭେମାନେ ଜଗତର ଜ୍ୟୋତି । ......କିଅବା ଲୋକମାନେ ଦୀପ ଜାଳି ମାଣ ତଳେ ରଖନ୍ତି ନାହିଁ, ମାତ୍ର ଦୀପରୂଖା ଉପରେ ରଖନ୍ତି, ସେଥିରେ ତାହା ଗୃହରେ ଥିବା ସମସ୍ତ ଲୋକଙ୍କୁ ଆଲୋକ ଦିଏ । ସେହି ପ୍ରକାରେ ତୁମ୍ଭମାନଙ୍କର ଆଲୋକ ଲୋକଙ୍କୁ ସାକ୍ଷାତରେ ପ୍ରକାଶ ପାଉ, ଯେପରି ସେମାନେ ତୁମ୍ଭମାନଙ୍କ ସତ୍କର୍ମ ଦେଖି ତୁମ୍ଭମାନଙ୍କ ସ୍ୱର୍ଗସ୍ଥ ପିତାଙ୍କର ମହିମା କୀର୍ତ୍ତନ କରିବେ ।'' (ମାଥିଉ ୫:୧୪-୧୬) ମାଣ ତଳେ ଥିବା ଦୀପ ବିନା ଅମ୍ଳଜାନରେ ଲିଭିଯିବ । ଉତ୍ତମତା, ଧାର୍ମିକତା ଓ ସତ୍ୟକୁ କେହି ଲୁଚାଇ ରଖି ନପାରେ । ''......କାରଣ ଯାହାସବୁ ପ୍ରକାଶିତ ହୁଏ, ତାହା ଆଲୋକ ।'' (ଏଫିସୀ ୫:୧୩)

ଆମ୍ଭମାନଙ୍କ ପରମେଶ୍ୱର ଉତ୍ତମ, ଧାର୍ମିକ ଓ ସତ୍ୟ ଅଟନ୍ତି । ଆମ୍ଭମାନଙ୍କ ତ୍ରାଣକର୍ତ୍ତା ଉତ୍ତମ, ଧାର୍ମିକ ଓ ସତ୍ୟ ଅଟନ୍ତି । ଆମ୍ଭେ ଯେବେ ଉତ୍ତମ, ଧାର୍ମିକ ଓ ସତ୍ୟରେ ରହୁ, ଆମ୍ଭେମାନେ ଏହି ଜଗତର ଜ୍ୟୋତି ହୋଇପାରିବା । ଦୀପ ଜଳିବା ନିମନ୍ତେ ତେଲ ଆବଶ୍ୟକ । ବିଜୁଳିର ବଲ୍ବ ଆଲୋକ ଦେବା ନିମନ୍ତେ ବିଜୁଳିର ଶକ୍ତି ଆବଶ୍ୟକ କରେ । ଅର୍ଥାତ୍ ଆଲୋକ ପ୍ରକଟିତ ହେବା ନିମନ୍ତେ ଶକ୍ତି ଆବଶ୍ୟକ । ଏହି ଶକ୍ତି ଆମ୍ଭେମାନେ ପରମେଶ୍ୱରଙ୍କ ବାକ୍ୟ, ପ୍ରାର୍ଥନା, ଆରାଧନା, ପରମେଶ୍ୱରଙ୍କ ସନ୍ତାନମାନଙ୍କ ସହିତ ସହଭାଗିତା ଠାରୁ ପାଇପାରୁ । ଆମ୍ଭେମାନେ ଏହି ଜଗତରେ ଆଲୋକ ହୋଇ ନିବାସ ନକଲେ, ଯେ କି ଆଲୋକରେ ବାସ କରନ୍ତି, ତାହାଙ୍କ ନିକଟବର୍ତ୍ତୀ ହୋଇନପାରୁ । ''ହେ ନିଦ୍ରିତ, ଜାଗ, ମୃତମାନଙ୍କ ମଧ୍ୟରୁ ଉଠ, ପୁଣି ଖ୍ରୀଷ୍ଟ ତୁମ୍ଭକୁ ଆଲୋକ ପ୍ରଦାନ କରିବେ ।'' (ଏଫିସୀ ୫:୧୪)

***- Kabita Gootam***

❋ ❋ ❋

# ବିଶ୍ୱସ୍ତ ଜୀବନଯାପନ କର
## (Live Faithfully)

ଖ୍ରୀଷ୍ଟିୟ ଜଗତରେ ଅବିଶ୍ୱସ୍ତତା ଦିନକୁ ଦିନ ବୃଦ୍ଧି ପାଉଅଛି । ଅନେକ ବିଶ୍ୱାସରେ ଦୁର୍ବଳ ହୋଇ, ଜାଗତିକ ଜୀବନକୁ ଫେରିଯାଉଛନ୍ତି । ଶକ୍ତିବାନ ଶୟତାନ, ଖ୍ରୀଷ୍ଟିୟାନମାନଙ୍କୁ ସେମାନଙ୍କ ଦୁର୍ବଳତା ଆଘାତ କରି, ପାପମୟ ଜୀବନକୁ ସେମାନଙ୍କୁ ଟାଣି ନେବାରେ ସକ୍ଷମ ହୋଇପାରୁଅଛି ।

ବାଇବଲରେ ଲିଖିତ ଈଶ୍ୱରଙ୍କ ବାକ୍ୟ ଶୟତାନଙ୍କୁ ପ୍ରତିରୋଧ କରିବାରେ ଓ ପରୀକ୍ଷାରେ ଜୟୀ ହେବାରେ ସାହାଯ୍ୟ କରେ । ''ମନୁଷ୍ୟ ପ୍ରତି ଯେଉଁ ପ୍ରକାର ପରୀକ୍ଷା ସ୍ୱାଭାବିକ, ତାହା ଛଡ଼ା ଅନ୍ୟପ୍ରକାର ପରୀକ୍ଷା ତୁମ୍ଭମାନଙ୍କ ପ୍ରତି ଘଟିନାହିଁ, କିନ୍ତୁ ଈଶ୍ୱର ବିଶ୍ୱାସ, ସେ ତୁମ୍ଭମାନଙ୍କୁ କୌଣସି ଅସହ୍ୟ ପରୀକ୍ଷାରେ ପରୀକ୍ଷିତ ହେବାକୁ ଦେବେ ନାହିଁ, ମାତ୍ର ଯେପରି ତୁମ୍ଭେମାନେ ସହ୍ୟ କରିପାର ଏଥିରେ ପରୀକ୍ଷା ଘଟିବା ସଙ୍ଗେ ସଙ୍ଗେ ସେ ଉଦ୍ଧାରର ପଥ ମଧ୍ୟ ପ୍ରସ୍ତୁତ କରିବେ ।'' ବୋଲି ଆମ୍ଭେମାନେ ୧ମ କରିନ୍ଥୀ ୧୦:୧୩ ପଦରେ ପଢ଼ିଥାଉ ।

ଆମ୍ଭମାନଙ୍କ ଜୀବନ ପରୀକ୍ଷାପୂର୍ଣ୍ଣ । ଆମ୍ଭେମାନେ ତାହାଙ୍କ ବାକ୍ୟ ପାଳନ କରି, ତାହାଙ୍କ ଠାରେ ରହିଲେ, ସେ ଆମ୍ଭମାନଙ୍କୁ ପରୀକ୍ଷାରେ ଜୟୀ ହେବାକୁ ସାହାଯ୍ୟ କରିବେ । ତଦ୍ୱାରା ଆମ୍ଭେମାନେ ଖ୍ରୀଷ୍ଟିୟ ଜୀବନରେ ବୃଦ୍ଧି ପାଇ ଦିନକୁ ଦିନ ବଳବାନ୍ ହୋଇପାରିବା । ଦିନକୁ ଦିନ ବିଶ୍ୱାସରେ ବୃଦ୍ଧି ପାଇ ବିଶ୍ୱାସର ଫଳ ପାଇବା । ''ତଦ୍ୱାରା ସେ ଆମ୍ଭମାନଙ୍କୁ ବହୁମୂଲ୍ୟ ଓ ଅତି ମହତ୍ ପ୍ରତିଜ୍ଞାମାନ ଦାନ କରିଅଛନ୍ତି, ଯେପରି ସେହିସବୁ ଦ୍ୱାରା ତୁମ୍ଭେମାନେ କୁ-ଅଭିଳାଷରୁ ଜାତ ଯେଉଁ ବିନାଶ ଜଗତରେ ଅଛି, ସେଥିରୁ ରକ୍ଷା ପାଇ ଐଶ୍ୱରିକ ସ୍ୱଭାବର ସହଭାଗୀ ହୁଅ । ହଁ, ଏହି କାରଣରୁ ତୁମ୍ଭେମାନେ ଅତି ଯତ୍ନ ସହକାରେ ବିଶ୍ୱାସ ସହିତ ସଦ୍‌ଗୁଣ, ସଦ୍‌ଗୁଣ ସହିତ ଜ୍ଞାନ, ଜ୍ଞାନ ସହିତ ସଂଯମ, ସଂଯମ ସହିତ ଧୈର୍ଯ୍ୟ, ଧୈର୍ଯ୍ୟ ସହିତ ଧର୍ମ ଧର୍ମପରାୟଣତା, ଧର୍ମ ପରାୟଣତା ସହ ଭ୍ରାତୃସ୍ନେହ, ପୁଣି ଭ୍ରାତୃସ୍ନେହ ସହିତ ପ୍ରେମ ଯୋଗ କର । ଏହିସବୁ ତୁମ୍ଭମାନଙ୍କ ଠାରେ ବୃଦ୍ଧି ପାଇଲେ ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ବିଷୟକ ଜ୍ଞାନରେ ପୂର୍ଣ୍ଣତା ଲାଭ କରିବା ନିମନ୍ତେ ତୁମ୍ଭମାନଙ୍କୁ ଶିଥିଳ ଓ ଫଳଶୂନ୍ୟ ହେବାକୁ ଦେବନାହିଁ । ମାତ୍ର ଏହିସବୁ ଯାହାଠାରେ ନାହିଁ, ସେ ଦୂରଦର୍ଶୀ ନହୋଇ ଅନ୍ଧ ହୋଇଅଛି, ପୁଣି

ଆପଣା ପୂର୍ବକୃତ ପାପରୁ ପରିଷ୍କୃତ ହେବା ବିଷୟ ପାସୋରି ଯାଇଅଛି । ଅତଏବ, ହେ ଭାଇମାନେ, ତୁମ୍ଭେମାନେ ଆପଣା ଆପଣା ଆହ୍ୱାନ ଓ ମନୋନୟନକୁ ସ୍ଥିର କରିବା ନିମନ୍ତେ ଅଧିକ ଯତ୍ନଶୀଳ ହୁଅ, ଯେଣୁ ଏପରି କଲେ ତୁମ୍ଭେମାନେ କେବେହେଁ ଝୁଣ୍ଟିପଡ଼ିବ ନାହିଁ । ଆଉ ଏହି ପ୍ରକାରେ ଆମ୍ଭମାନଙ୍କ ପ୍ରଭୁ ଓ ତ୍ରାଣକର୍ତ୍ତା ଯୀଶୁଖ୍ରୀଷ୍ଟଙ୍କ ଅନନ୍ତ ରାଜ୍ୟରେ ସ୍ୱଚ୍ଛନ୍ଦରେ ପ୍ରବେଶ କରିବାକୁ ତୁମ୍ଭମାନଙ୍କୁ ଦିଆଯିବ ।'' (୨ୟ ପିତର ୧:୪-୧୧) ''ଏଣୁ ଯେ ଆପଣାକୁ ସ୍ଥିର ବୋଲି ମନେ କରେ, ସେ ଯେପରି ପତିତ ନହୁଏ, ଏଥି ନିମନ୍ତେ ସେ ସାବଧାନ ହେଉ ।'' (୧ମ କରିନ୍ଥୀ ୧୦:୧୨)

ଜଗତରେ ଆମ୍ଭମାନଙ୍କ ଜୀବନ ସ୍ୱଳ୍ପ ମାତ୍ର । ଏହି ଜଗତରେ ବିଶ୍ୱସ୍ତ ଜୀବନଯାପନ କଲେ, ସ୍ୱର୍ଗ ଆମ୍ଭମାନଙ୍କ ଅନନ୍ତ ଗୃହ ହେବ ।

***- Dale Grissom***

❋❋❋

# ବିଚାର
## (The Judgement)

ମନୁଷ୍ୟ ମୃତ୍ୟୁଭୋଗିଲେ, ଅସ୍ତିତ୍ୱ ହରାଇ ବସେ ବୋଲି ଅନେକ ବିଶ୍ୱାସ କରନ୍ତି । ସେମାନେ ବିଚାର ବିଷୟରେ କିଅବା ତଦପରବର୍ତ୍ତୀ ଜୀବନ ବିଷୟରେ ହେଳା କରନ୍ତି । ଏବ୍ରୀ ପୁସ୍ତକକର୍ତ୍ତା ଲେଖନ୍ତି,''ମନୁଷ୍ୟମାନଙ୍କ ନିମନ୍ତେ ଯେପରି ଥରେ ମାତ୍ର ମୃତ୍ୟୁ, ଆଉ, ତାହା ପରେ ବିଚାର ନିରୁପିତ ଅଛି......'' (ଏବ୍ରୀ ୯:୨୭,୨୮)

ମାଥିଉ ୨୫:୩୧-୪୬ ପଦରେ ଯୀଶୁଖ୍ରୀଷ୍ଟ ବିଚାର ବିଷୟରେ କହିଅଛନ୍ତି । ଧାର୍ମିକ ଓ ଅଧାର୍ମିକମାନଙ୍କ ନିତ୍ୟ ନିବାସ ବିଷୟରେ ଏହି ବାକ୍ୟଗୁଡ଼ିକରେ ପଢ଼ିପାରୁ । ବିଚାରର ଏକ ସତ୍ୟ ଦୃଶ୍ୟ ଏହି ବାକ୍ୟଗୁଡ଼ିକରେ ଦେଖିପାରୁ । ପ୍ରତ୍ୟେକ ଖ୍ରୀଷ୍ଟିୟାନ ଧାର୍ମିକ ଜୀବନଯାପନ କରିବା ନିମନ୍ତେ ଉତ୍ସାହିତ କରୁ । ଅନନ୍ତ ଜୀବନ ପ୍ରାପ୍ତି ଓ ନରକରୁ ମୁକ୍ତି ଆମ୍ଭେମାନେ ଅନ୍ୟମାନଙ୍କୁ ପ୍ରଚାର କରୁ ।

୨ୟ କରିନ୍ଥୀ ୫:୧୦ ପଦରେ ଲେଖାଯାଏ,''କାରଣ ଭଲ ହେଉ ବା ମନ୍ଦ ହେଉ, ପ୍ରତ୍ୟେକ ଜଣ ଆପଣା ଶରୀର ଦ୍ୱାରା କୃତ କର୍ମାନୁସାରେ ଫଳ ପାଇବା ନିମନ୍ତେ ଖ୍ରୀଷ୍ଟଙ୍କ ବିଚାରାଧିନ ଛାମୁରେ ଆମ୍ଭ ସମସ୍ତଙ୍କୁ ପ୍ରକାଶିତ ହେବାକୁ ହେବ ।''

ପରମେଶ୍ୱରଙ୍କୁ ମୁଖାମୁଖି ଭାବେ ସାକ୍ଷାତ କରିବାକୁ ଯେଉଁମାନେ ପ୍ରସ୍ତୁତ ନୁହନ୍ତି, ସେମାନଙ୍କ ନିମନ୍ତେ ବିଚାର ଦିନ ଭୟଙ୍କର ଦିନ ହେବ । ସେ ଦିନରେ ଆଉ କିଛି ଗୁପ୍ତ ରହିବ ନାହିଁ । ପ୍ରତ୍ୟେକ ମନୁଷ୍ୟ ନ୍ୟାୟାଧିପତି ପରମେଶ୍ୱରଙ୍କ ଦ୍ୱାରା ପୁରସ୍କୃତ ହେବ ।

ଆଥୀନୀର ଆରୟପାଖ ମଣ୍ଡପ ଉପରେ ପ୍ରେରିତ ପାଉଲ କହିଥିଲେ, "କାରଣ ଯେଉଁଦିନ ସେ ଆପଣା ନିରୂପିତ ବ୍ୟକ୍ତିଙ୍କ ଦ୍ୱାରା ଧାର୍ମିକତାରେ ଜଗତର ବିଚାର କରିବେ ଏହିପରି ଗୋଟିଏ ଦିନ ସ୍ଥିର କରିଅଛନ୍ତି, ଆଉ ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ଉଥାପନ କରି ଏ ବିଷୟରେ ସମସ୍ତଙ୍କ ନିକଟରେ ପ୍ରମାଣ ଦେଇଅଛନ୍ତି ।" ପରମେଶ୍ୱରଙ୍କ ସନ୍ତାନମାନଙ୍କ ନିମନ୍ତେ ଏକ ଅନନ୍ତ ଜୀବନର ସୁନ୍ଦର ପ୍ରତିଜ୍ଞା ଅଛି । ଆମ୍ଭେମାନେ ନିରନ୍ତର ଜାଗ୍ରତ ରହି ମହାଦିନ ନିମନ୍ତେ ପ୍ରସ୍ତୁତ ରହୁ । ସେଦିନ ପରମେଶ୍ୱର, ଖ୍ରୀଷ୍ଟଙ୍କ ବିଚାର ସିଂହାସନ ସମ୍ମୁଖରେ ପ୍ରତ୍ୟେକ ମନୁଷ୍ୟକୁ ଉଭା କରିବେ । ଆପଣ କି ସେହି ଦିନ ନିମନ୍ତେ ପ୍ରସ୍ତୁତ ଅଟନ୍ତି ?

*- Dale Grisson*

❋❋❋

# ପରମେଶ୍ୱରଙ୍କ ସହ ଆମ୍ଭମାନଙ୍କ ସମ୍ବନ୍ଧ
## (Our relationship with God)

ପରମେଶ୍ୱରଙ୍କ ବିଷୟରେ ଅଜ୍ଞାତ ରହିବା ଦୁଃଖ କର ବିଷୟ । ଅଜ୍ଞାନତା ଅବିଶ୍ୱାସ ବଢ଼ାଇ । ଅନ୍ୟପକ୍ଷରେ ପରମେଶ୍ୱରଙ୍କ ବିଷୟକ ଜ୍ଞାନ ସମସ୍ତ ଆଶୀର୍ବାଦର ଆରମ୍ଭ । ଏହା ଆମ୍ଭମାନଙ୍କୁ ସୁଖ, ସନ୍ତୋଷ ସହ ପରମେଶ୍ୱରଙ୍କ ସହିତ ସମ୍ବନ୍ଧ ରଖିବା ନିମନ୍ତେ ଆମ୍ଭମାନଙ୍କୁ ତିନିଟି ବିଷୟ ଜାଣିବା ଆବଶ୍ୟକ ।

**ପରମେଶ୍ୱରଙ୍କ ଅସ୍ତିତ୍ୱ ବିଷୟକ ଜ୍ଞାନ ବିଶ୍ୱାସ ଜନ୍ମାଏ :** ପରମେଶ୍ୱର ଯେ ଅଛନ୍ତି, ଏହା ଆମ୍ଭେମାନେ ସର୍ବପ୍ରଥମେ ଜାଣିବା ଆବଶ୍ୟକ । ତାହାଙ୍କ ଅସ୍ତିତ୍ୱ, ତାହାଙ୍କ ପ୍ରଭାବ ବିଷୟରେ ମନୁଷ୍ୟମାନଙ୍କୁ ଜଣାଇବା ନିମନ୍ତେ, ପରମେଶ୍ୱର ଏହି ସୁନ୍ଦର ବିଶ୍ୱ ସୃଷ୍ଟି କରିଅଛନ୍ତି । ଆକାଶ ମଣ୍ଡଳ ଓ ପୃଥିବୀସ୍ଥ ସମସ୍ତ ତାହାଙ୍କ ମହିମା ପ୍ରକାଶ କରେ (ଗୀତ ୧୯:୧) । ଏହି ପ୍ରକୃତିର କୋଣେ କୋଣେ ପରମେଶ୍ୱରଙ୍କ ଅସ୍ତିତ୍ୱ ପ୍ରକଟ କରେ ।

ପରମେଶ୍ୱରଙ୍କ ଅସ୍ତିତ୍ୱ ବିଷୟ ବିଶ୍ୱାସ ଆମ୍ଭମାନଙ୍କୁ ଧୈର୍ଯ୍ୟ ଓ ଭରସା ଦିଏ । ପରମେଶ୍ୱର ଅସ୍ତିତ୍ୱରେ ବିଶ୍ୱାସ ବିନୁ, କେହି ପରମେଶ୍ୱରଙ୍କୁ ସନ୍ତୋଷ କରିପାରେ ନାହିଁ (ଏବ୍ରୀ ୧୧:୬) । ତେଣୁକରି ଆମ୍ଭମାନଙ୍କ ବିଶ୍ୱାସ ଅଭିବୃଦ୍ଧି ପାଇ, ବଳବାନ୍ ହେବା ଆବଶ୍ୟକ । ଆମ୍ଭମାନଙ୍କ ବିଶ୍ୱାସ ଉପରେ ଅନ୍ୟ ଖ୍ରୀଷ୍ଟିୟ ସୁଗୁଣାବଳୀ ଆଧାରିତ ହୋଇଅଛି (୨ ପିତର ୧:୫-୭) ।

**ପରମେଶ୍ୱରଙ୍କ ଆଧିପତ୍ୟ, ଆଜ୍ଞାବହତା ଶିଖାଏ :** ମନୁଷ୍ୟ ଯେତେବେଳେ ପରମେଶ୍ୱରଙ୍କ ଠାରେ ବିଶ୍ୱାସ କରିବାକୁ ଆରମ୍ଭ କରେ, ତାହାଙ୍କ ଶକ୍ତି ଓ ଆଧିପତ୍ୟ ବିଷୟରେ ବିସ୍ମିତ ହୁଏ । ପରମେଶ୍ୱର ବିଶ୍ୱର ସୃଷ୍ଟିକର୍ତ୍ତା, ମନୁଷ୍ୟ ଜୀବନର ପାଳନ ଓ ଚାଳନକର୍ତ୍ତା । ସେ ହିଁ ଆମ୍ଭମାନଙ୍କ କର୍ମର ବିଚାରକର୍ତ୍ତା ।

ମନୁଷ୍ୟ ଯେବେ ସତ୍ୟଭାବେ ପରମେଶ୍ୱରଙ୍କ ମହନତା ବିଷୟରେ ଜ୍ଞାତ ହୁଏ, ସେ ସ୍ୱତଃଭାବେ ତାହାଙ୍କ ଇଚ୍ଛା ଓ ଆଧିପତ୍ୟର ନତ ହୁଏ । ଆମ୍ଭମାନଙ୍କ ମଙ୍ଗଳ ନିମନ୍ତେ ପରମେଶ୍ୱର ଦୁଇଟି ବିଷୟ ପ୍ରକାଶିତ କରିଅଛନ୍ତି - **(୧) ତାହାଙ୍କ ସହିତ ସତ୍‌ସମ୍ବନ୍ଧ ରଖିବା ନିମନ୍ତେ କଅଣ କରିବାକୁ ହେବ (୨) ସତ୍‌ସମ୍ବନ୍ଧ କିପରି ଜାରି ରଖିପାରିବା ।**

ପରମେଶ୍ୱରଙ୍କ ପ୍ରକଟିତ ଇଚ୍ଛାର ଆଜ୍ଞାବହ ହେବା ଦ୍ୱାରା ତାହାଙ୍କ ସହିତ ସତ୍‌ସମ୍ବନ୍ଧ ରଖିପାରୁ । ପରିତ୍ରାଣ ବିଷୟରେ ପ୍ରଭୁଯୀଶୁ କହନ୍ତି,''ମୋତେ ପ୍ରଭୁ ପ୍ରଭୁ ବୋଲି ଡାକନ୍ତି, ଏପରି ପ୍ରତ୍ୟେକ ସ୍ୱର୍ଗରାଜ୍ୟରେ ପ୍ରବେଶ କରିବେ ନାହିଁ, ମାତ୍ର ଯେ ମୋହର ସ୍ୱର୍ଗସ୍ଥ ପିତାଙ୍କ ଇଚ୍ଛା ସାଧନ କରେ, ସେ ପ୍ରବେଶ କରିବ ।'' (ମାଥିଉ ୭:୨୧)

**ପରମେଶ୍ୱରଙ୍କ ସ୍ୱଭାବ ଆମ୍ଭମାନଙ୍କ ଜୀବନରେ ପ୍ରେମ ଜନ୍ମାଏ :** ପରମେଶ୍ୱରଙ୍କ ସ୍ୱଭାବ ବିଷୟରେ ବାକ୍ୟ କହେ, 'ଈଶ୍ୱର ତ ପ୍ରେମ' (୧ମ ଯୋହନ ୪:୮) । ଏହା ସତ୍ୟ ଯେ ପରମେଶ୍ୱର କଠୋର ଅଟନ୍ତି ଓ ଦଣ୍ଡିତ କରନ୍ତି, (ରୋମୀୟ ୧୧:୨୨) କିନ୍ତୁ ପରମେଶ୍ୱର ପ୍ରେମ, ଦୟା ଓ କୃପା ତାହାଙ୍କ ବ୍ୟକ୍ତିତ୍ୱର ଭାଗ ।

ପରମେଶ୍ୱର ଆମ୍ଭମାନଙ୍କୁ ପ୍ରଥମେ ପ୍ରେମ କରିଥିବାରୁ, ଆମ୍ଭେମାନେ ତାହାଙ୍କୁ ପ୍ରେମ କରୁ । (୧ମ ଯୋହନ ୪:୧୯) ତାହାଙ୍କ ବିଷୟରେ ଆଲୋଚନା କରିବା, ଆମ୍ଭମାନଙ୍କ ଜୀବନରେ ତାହାଙ୍କୁ ପ୍ରଥମ ସ୍ଥାନ ଦେବା, ଆନନ୍ଦରେ ତାହାଙ୍କୁ ସେବା

କରିବା ଦ୍ୱାରା ତାହାଙ୍କ ପ୍ରତି ଆମ୍ଭମାନଙ୍କ ପ୍ରେମ ପ୍ରକାଶ ପାଏ । ଆମ୍ଭମାନଙ୍କ ଦୁଃଖ, କଷ୍ଟ ଓ ବେଦନା ସମୟରେ ତାହାଙ୍କ ହାତ ଧରି ସାନ୍ତ୍ୱନା ଓ ଶକ୍ତି ପାଇପାରିବା ।

ବିଶ୍ୱାସ, ଆଜ୍ଞାବହତା ଓ ପ୍ରେମ ଖ୍ରୀଷ୍ଟିୟ ଜୀବନର ମୂଳଦୁଆ । ଏହି ତିନିଗୁଣ ଦ୍ୱାରା ମନୁଷ୍ୟର ଆତ୍ମିକ ଜୀବନ ଶକ୍ତି ପ୍ରାପ୍ତ ହୁଏ । ପରମେଶ୍ୱରଙ୍କ ବିଷୟରେ ସତ୍ୟଜ୍ଞାନ ଦ୍ୱାରା ହିଁ ଆମ୍ଭେମାନେ ଏହିସବୁ ସୁଗୁଣ ପାଇପାରିବା । ତାହାଙ୍କ ସୃଷ୍ଟି ସୃଷ୍ଟି ଦ୍ୱାରା ଓ ତାହାଙ୍କ ଦତ୍ତ ବାକ୍ୟ ଦ୍ୱାରା ଆମ୍ଭେମାନେ ତାହାଙ୍କ ବିଷୟ ଜ୍ଞାନ ପ୍ରାପ୍ତ ହୋଇପାରିବା ।

*- Kenneth Bray*

❋❋❋

# ଯୀଶୁଖ୍ରୀଷ୍ଟଙ୍କ ସୁସମାଚାର
## (The Gospel of Christ)

ସୁସମାଚାର ଈଶ୍ୱରଙ୍କ ଉତ୍ତମ ସମାଚାର । ଖ୍ରୀଷ୍ଟ ଆମ୍ଭମାନଙ୍କ ନିମନ୍ତେ ମୃତ୍ୟୁଭୋଗୀ, ସମାଧି ପ୍ରାପ୍ତ ହୋଇ ତୃତୀୟ ଦିନରେ ପୁନଃରୁତ୍ଥିତ ହେଲେ, ଏହାହିଁ ସୁସମାଚାର ସାରାଂଶ । (୧ମ କରିନ୍ଥୀ ୧୫:୩,୪) । ଈଶ୍ୱରଙ୍କ ବାକ୍ୟ ଯାହାକି ପରିତ୍ରାଣର ସୁସମାଚାର ଈଶ୍ୱରଙ୍କ ଶକ୍ତି ଅଟେ । ଖ୍ରୀଷ୍ଟଙ୍କ ସତ୍ୟ ପାପୀମାନଙ୍କୁ ମୁକ୍ତି ଦିଏ । ପରମେଶ୍ୱରଙ୍କ ସହିତ ସମାଧାନ ଆଣେ ଓ ବିଶ୍ୱସ୍ତ ଖ୍ରୀଷ୍ଟିୟାନମାନଙ୍କୁ ଅନନ୍ତ ଜୀବନ ଦିଏ । ଏହା ସ୍ୱର୍ଗୀୟ ପିତାଙ୍କ ଠାରୁ ମନୁଷ୍ୟମାନଙ୍କ ନିମନ୍ତେ ଆନନ୍ଦମୟ, ଧର୍ମମୟ ବାର୍ତ୍ତା ଅଟେ । ସୁସମାଚାରର ପ୍ରଚାର ଫଳରେ ପାପୀ ମନୁଷ୍ୟ ଜଳରେ ଓ ଆତ୍ମାରେ ଜନ୍ମଗ୍ରହଣ କରି ନୂତନ ଜୀବନ ପ୍ରାପ୍ତ ହୁଅନ୍ତି । (ଯୋହନ ୩:୫)

ଏହା ମନୁଷ୍ୟ ଜୀବନରେ ପରିବର୍ତ୍ତନ ଆଣିପାରିବା ଶକ୍ତି ଅଟେ ବୋଲି ରୋମୀୟ ୧:୧୬ ପଦରେ ପଢ଼ିଥାଉ । ଏହା ଆମ୍ଭମାନଙ୍କୁ ଭରସା, ଧୈର୍ଯ୍ୟ, ସାହସ ସହ ଅନନ୍ତଜୀବନରେ ପ୍ରବେଶ କରିବା ନିମନ୍ତେ ସାହାଯ୍ୟ କରେ । ସଦାପ୍ରଭୁ ଆମର ସପକ୍ଷ, କିଏ ଆମର ବିପକ୍ଷ ହୋଇପାରେ । ସଦାପ୍ରଭୁ ଆମ୍ଭମାନଙ୍କ ଜୀବନର ଶୈଳୀ ପରିବର୍ତ୍ତନ କରି ନୂତନ ଜୀବନ ଦିଅନ୍ତି । ସମସ୍ତ ଶକ୍ତି ତାହାଙ୍କ ଠାରେ ଅଛି । ଖ୍ରୀଷ୍ଟ, ଈଶ୍ୱରଙ୍କ ଶକ୍ତି ଓ ଜ୍ଞାନ ଅଟନ୍ତି (୧ମ କରିନ୍ଥୀ ୧:୨୪)

ଦୁଃଖ, କଷ୍ଟ, ବ୍ୟାଧିଗ୍ରସ୍ତମାନଙ୍କ ଜୀବନରେ ସୁସମାଚାର ମହାନ ଆଲୋକ ଭରସା, ଆନନ୍ଦ ଓ ଶକ୍ତି ଦିଏ । ଏହାହିଁ ସୁସମାଚାରର ମହାନତା । (୨ୟ କରିନ୍ଥୀ ୪:୩-୪) ''.......ଯେକେହି ସତ୍ୟର ସନ୍ତାନ, ସେ ମୋହର କଥା ଶୁଣେ ।'' (ଯୋହନ ୧୮:୩୭) ବୋଲି ଯୀଶୁ କହନ୍ତି । ପ୍ରଭୁଯୀଶୁଙ୍କ ବାକ୍ୟ ମନୁଷ୍ୟମାନଙ୍କୁ ପାପ ଓ ଭୟରୁ ମୁକ୍ତ କରେ । (ଯୋହନ ୮:୩୨)

''ଅତଏବ ଯେଉଁମାନେ ଖ୍ରୀଷ୍ଟ ଯୀଶୁଙ୍କ ଠାରେ ଅଛନ୍ତି, ସେମାନଙ୍କ ପ୍ରତି ବର୍ତ୍ତମାନ କୌଣସି ଦଣ୍ଡାଜ୍ଞା ନାହିଁ ।'' (ରୋମୀୟ ୮:୧) ଯୀଶୁଙ୍କ ଶିକ୍ଷା ଦ୍ୱାରା ନିରାଶ ଓ ଅସହାୟର ଜୀବନ ନୂତନ ଜୀବନ ପାଏ । ସଦାପ୍ରଭୁ ଦୟାରେ ମହାନ ଅଟନ୍ତି । ସୁସମାଚାର ଦ୍ୱାରା ଆମ୍ଭେମାନେ ଦୟାର ନିକଟବର୍ତ୍ତୀ ହୋଇଥାଉ । (ଏଫିସୀ ୨:୪-୬) ଖ୍ରୀଷ୍ଟ, ପରମେଶ୍ୱରଙ୍କ ଦୟା ଓ ଧାର୍ମିକତା ଅଟନ୍ତି । ପରମେଶ୍ୱରଙ୍କ ପୁତ୍ରଙ୍କ ଠାରେ ବିଶ୍ୱାସ ଆପଣଙ୍କ ଜୀବନ ବଦଳାଇ ଦେବ । (୨ ପିତର ୧:୩-୧୧) ଆମ୍ଭେମାନେ ଏଡ଼େ ମହତ୍ ପରିତ୍ରାଣ ଅବହେଳା କରି ନପାରୁ । (ଏବ୍ରୀ ୨:୧-୧୦) ଯୀଶୁ କହିଲେ,''ଯଦି ତୁମ୍ଭେମାନେ ମୋତେ ପ୍ରେମ କର, ତାହାହେଲେ ମୋହର ଆଜ୍ଞାସବୁ ପାଳନ କରିବ ।'' (ଯୋହନ ୧୪:୧୫) ବିଶ୍ୱାସ, ମନପରିବର୍ତ୍ତନ ଓ ବାପ୍ତିସ୍ମ ଦ୍ୱାରା ମନୁଷ୍ୟ ଖ୍ରୀଷ୍ଟଙ୍କ ଠାରେ ନୂତନ ଜୀବନ ଆରମ୍ଭ କରେ (ଏବ୍ରୀ ୧୧:୧-୬, ରୋମୀୟ ୬:ରୋମୀୟ ୨:୩୮, ପ୍ରେରିତ ୮:୩୭) । ସୁସମାଚାର ବାକ୍ୟ ମନୁଷ୍ୟର ପରିତ୍ରାଣ ନିମନ୍ତେ ଈଶ୍ୱରଙ୍କ ଶକ୍ତି ଅଟେ । ଏହି ସତ୍ୟ ଦ୍ୱାରା ମନୁଷ୍ୟ ଈଶ୍ୱରଙ୍କ ସହିତ ସମ୍ମିଳିତ ହୋଇପାରେ । ଏହି ଧର୍ମମୟ ବାକ୍ୟ ମନୁଷ୍ୟମାନଙ୍କୁ ଖ୍ରୀଷ୍ଟଙ୍କ ନିକଟକୁ ଟାଣି ଆଣେ । ଆଜ୍ଞାବହମାନଙ୍କୁ ଏହା ଅନନ୍ତଜୀବନ ରୂପକ ଦାନ ପ୍ରଦାନ କରେ ।

***- Hans J. Dederscheck***

❃❃❃

## "ଯେ ସମସ୍ତ ବାକ୍ୟ ଦ୍ୱାରା ତୁମ୍ଭେ ପରିତ୍ରାଣ ପାଇପାରିବ...
## (WORDs - By which you can be saved)

ସେ କିପରି ଜଣେ ଦୂତଙ୍କର ଦର୍ଶନ ପାଇଥିଲେ, ତାହା ଆମ୍ଭମାନଙ୍କୁ ଜଣାଇଲେ, ସେହି ଦୂତ କିପରି ତାଙ୍କ ଗୃହରେ ଠିଆ ହୋଇ କହିଲେ, ଯଫୋକୁ ଲୋକ ପଠାଇ ପିତର ଉପନାମପ୍ରାପ୍ତ ଶିମୋନଙ୍କୁ ଡକାଇ ଆଣ, ଯେ ସମସ୍ତ ବାକ୍ୟ ଦ୍ୱାରା ତୁମ୍ଭେ ଓ ତୁମ୍ଭର ସମସ୍ତ ପରିବାର ପରିତ୍ରାଣ ପାଇବ, ସେ ତୁମ୍ଭକୁ ସେହିସବୁ କହିବେ ।" (ପ୍ରେରିତ ୧୧:୧୩,୧୪)

ସମସ୍ତ ମାନବଜାତି ପରିତ୍ରାଣ ପ୍ରାପ୍ତ ହୁଅନ୍ତୁ ବୋଲି ପରମେଶ୍ୱର ଇଚ୍ଛା କରନ୍ତି ଜଣେ ମନୁଷ୍ୟ ସୁଦ୍ଧା ବିନଷ୍ଟ ହେବା ସେ ଇଚ୍ଛା କରନ୍ତି ନାହିଁ । "ବିଳମ୍ବ ବୋଲି ଯେପରି କେତେକ ଭାବନ୍ତି, ପ୍ରଭୁ ଆପଣା ପ୍ରତିଜ୍ଞା ବିଷୟରେ ସେପରି ବିଳମ୍ବ କରନ୍ତି ନାହିଁ । କିନ୍ତୁ ଯେପରି କେହି ବିନଷ୍ଟ ନ ହୁଅନ୍ତି, ବରଂ ମନ ପରିବର୍ତ୍ତନ କରନ୍ତି, ଏହା ଇଚ୍ଛା କରି, ସେ ତୁମ୍ଭମାନଙ୍କ ପ୍ରତି ଦୀର୍ଘ ସହିଷ୍ଣୁ ଅଟନ୍ତି ।" (୨ୟ ପିତର ୩:୯) । ଏଥି ନିମନ୍ତେ ଆମ୍ଭମାନଙ୍କ ସ୍ୱର୍ଗୀୟ ପିତା ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଏହି ଜଗତକୁ ପ୍ରେରଣ କରିଥିଲେ । "କାରଣ ଈଶ୍ୱର ଜଗତକୁ ଏଡ଼େ ପ୍ରେମ କଲେ ଯେ ସେ ଆପଣା ଅଦ୍ୱିତୀୟ ପୁତ୍ରକୁ ଦାନ କଲେ, ଯେପରି ଯେକେହି ତାହାଙ୍କ ଠାରେ ବିଶ୍ୱାସ କରେ, ସେ ବିନଷ୍ଟ ନହୋଇ ଅନନ୍ତ ଜୀବନ ପ୍ରାପ୍ତ ହୁଏ ।" (ଯୋହନ ୩:୧୬)

ଯୀଶୁଖ୍ରୀଷ୍ଟ ପ୍ରତ୍ୟେକ ମନୁଷ୍ୟ ନିମନ୍ତେ ମୃତ୍ୟୁ ଭୋଗିଥିବାରୁ ସମସ୍ତେ କି ପରିତ୍ରାଣ ପାଇବେ ନାହିଁ, ସମସ୍ତେ ପରିତ୍ରାଣ ପାଇବେ ନାହିଁ । କାରଣ ପରିତ୍ରାଣର ବାର୍ତ୍ତା ପ୍ରତ୍ୟେକ ଶ୍ରବଣ କରନ୍ତି ନାହିଁ । ପ୍ରେରିତ ପାଉଲ ରୋମୀୟ ମଣ୍ଡଳୀକୁ ଲେଖନ୍ତି, "ତେବେ ଯାହାଙ୍କୁ ସେମାନେ ବିଶ୍ୱାସ କରିନାହାନ୍ତି, ତାହାଙ୍କ ନିକଟରେ କିପରି ପ୍ରାର୍ଥନା କରିବେ ? ପୁଣି ଯାହାଙ୍କ କଥା ସେମାନେ ଶୁଣିନାହାନ୍ତି, କିପରି ତାହାଙ୍କ ଠାରେ ବିଶ୍ୱାସ କରିବେ ? ଆଉ ପ୍ରଚାରକ ବିନା ସେମାନେ କିପରି ଶୁଣିବେ ?" (ରୋମୀୟ ୧୦:୧୪)

କର୍ଣ୍ଣଲୀୟ ଏକ ଉତ୍ତମ ଓ ଧାର୍ମିକ ବ୍ୟକ୍ତି ଥିଲେ । "ସେ ଜଣେ ଭକ୍ତ, ଆଉ ସପରିବାରେ ଈଶ୍ୱରଙ୍କୁ ଭୟ କରୁଥିଲେ । ସେ ଲୋକମାନଙ୍କୁ ବହୁତ ଦାନ ଦେଉଥିଲେ,

ଆଉ ସର୍ବଦା ଈଶ୍ୱରଙ୍କ ଛାମୁରେ ପ୍ରାର୍ଥନା କରୁଥିଲେ ।'' (ପ୍ରେରିତ ୧୦:୨) ତଥାପି ଯେ ସମସ୍ତ ବାକ୍ୟ ଦ୍ୱାରା ସେ ଓ ତାହାଙ୍କ ପରିବାର ପରିତ୍ରାଣ ପ୍ରାପ୍ତ ହୋଇପାରିବେ, ସେ ସମସ୍ତ ବାକ୍ୟ ଶୁଣିବା ନିମନ୍ତେ ପ୍ରେରିତ ପିତରଙ୍କ ଆବଶ୍ୟକତା ପଡ଼ିଲା । ପିତରଙ୍କ ନିମନ୍ତେ ଲୋକ ପଠାଇବା ପାଇଁ ଦେବଦୂତ କର୍ଣ୍ଣଲୀୟଙ୍କୁ ଆଜ୍ଞା ଦେଇଥିଲେ । ଯୀଶୁଖ୍ରୀଷ୍ଟ କିଅବା ତାହାଙ୍କ ଦତ୍ତ ପରିତ୍ରାଣ ନିମନ୍ତେ ଈଶ୍ୱର ସ୍ୱୟଂ ଭାବେ କର୍ଣ୍ଣଲୀୟଙ୍କୁ ଜଣାଇ ନଥିଲେ । କାଇସରୀଆକୁ ସୁସମାଚାର ପ୍ରଚାରକ ପିତରକୁ ଅଣାଯାଇ, ପିତରଙ୍କ ଦ୍ୱାରା ପରିତ୍ରାଣଦାୟକ ସୁସମାଚାର ପ୍ରଚାରିତ ହୋଇଥିଲା । ପିତର କାଇସରୀଆକୁ ଆସି ଖ୍ରୀଷ୍ଟଙ୍କ ମୃତ୍ୟୁ ଓ ପୁନଃରୁଥାନ ବିଷୟରେ ପ୍ରଚାର କରିଥିଲେ ।

କ୍ରୁଶରେ ହତ ଯୀଶୁଖ୍ରୀଷ୍ଟଙ୍କୁ ଖ୍ରୀଷ୍ଟଙ୍କ ମଣ୍ଡଳୀ ପ୍ରଚାର କରେ । ବିନାଶ ପ୍ରାପ୍ତ ହେବା ମନୁଷ୍ୟମାନଙ୍କୁ ଖ୍ରୀଷ୍ଟଙ୍କ ସୁସମାଚାର ପ୍ରଚାରିତ ହେବା ଆବଶ୍ୟକ । ଏଥି ନିମନ୍ତେ ବାଇବଲ କ୍ଲାସ, ରବିବାରରେ ଈଶ୍ୱର ବାକ୍ୟ ପ୍ରଚାର, ବିଭିନ୍ନ ସୁସମାଚାର ସଭାଗୁଡ଼ିକ ନିର୍ବାହିତ ହେଉଅଛି । ସୁସମାଚାରର ପତ୍ରପତ୍ରିକା ବିନଷ୍ଟ ହେବା ଲୋକମାନଙ୍କ ନିକଟରେ ପ୍ରଚାରିତ ହେଉଅଛି । ସୁସମାଚାର ପ୍ରଚାରକମାନଙ୍କୁ ଆହ୍ୱାନ କରି, ସଭାମାନଙ୍କରେ ବିନଷ୍ଟ ହେଉଥିବା ଆତ୍ମାମାନଙ୍କୁ ଖ୍ରୀଷ୍ଟ ସୁସମାଚାର ଶୁଣାଉ ! ଖ୍ରୀଷ୍ଟଙ୍କ ଠାରେ ପରିତ୍ରାଣ ଅଛି, ତେଣୁ ଅନ୍ୟମାନଙ୍କୁ ଖ୍ରୀଷ୍ଟଙ୍କ ନିକଟକୁ କଢ଼ାଇ ଆଣୁ ।

ବିନଷ୍ଟ ହେଉଥିବା ମାନବ ସମାଜକୁ ଖ୍ରୀଷ୍ଟଙ୍କ ବାକ୍ୟ ପ୍ରଚାର କରିବା ଖ୍ରୀଷ୍ଟିୟାନମାନଙ୍କ ସୌଭାଗ୍ୟ । ମଣ୍ଡଳୀ ଉପାସନାରେ, ସୁସମାଚାର ସଭାମାନଙ୍କରେ ଖ୍ରୀଷ୍ଟଙ୍କ ବାକ୍ୟ ଶ୍ରବଣ କରିବା ନିମନ୍ତେ ଅନ୍ୟମାନଙ୍କୁ ଆହ୍ୱାନ ଜଣାଉ । ବାକ୍ୟ ଜାଣିବାକୁ ଇଚ୍ଛୁକ ବ୍ୟକ୍ତିମାନଙ୍କ ନିମନ୍ତେ ବାଇବଲ ବାକ୍ୟ ଧ୍ୟାନ କରୁ । ବିନଷ୍ଟ ହେଉଥିବା ଆତ୍ମାଗୁଡ଼ିକ ଯେପରି ସୁସମାଚାର ଶ୍ରବଣ କରିପାରିବେ, ଆମ୍ଭମାନଙ୍କ ଯାହା ସାଧ୍ୟ ତାହା କଲେ, ପରମେଶ୍ୱର ଆମ୍ଭମାନଙ୍କୁ ଆଶୀର୍ବାଦ କରିବେ । ପରମେଶ୍ୱରଙ୍କ ବାକ୍ୟ ବୀଜ ବପନ କରୁଥିବା ଖ୍ରୀଷ୍ଟିୟାନ, ପ୍ରଚାରକମାନଙ୍କ ନିମନ୍ତେ ପ୍ରାର୍ଥନା କରୁ ।

***- Loy Mitchell***

❃❃❃

# INTRODUCTION TO THE BIBLE

## ITS ORIGIN

Inspired...2 Timothy 3:16
Holy Spirit............John 16:13
Holy Men........2 Peter 1:21

36 Men......1500 Years
66 Books Completed 96 A.D
1200 languages & Dialects

## ITS PURPOSE

Keeps From sin Ps. 119:11
Lights Our Way Ps. 119:105
Enlightens Us.....2 Tim. 3:15
Instructs Us...2 Tim 3:16,17
Purfies Us.......1 Pet. 1:22
Frees Us........... John 8:32
Saves Us........... Jas. 1:21;
..........................................

## ITS COMPLETENESS

All Truth........John 16:13
All Things.........2 Pet.1:3
Whole Counsel...Acts 20:27

## ITS INDESTRUCTIBILITY

Lasts Forever.........Mt.24:35
.............................1 Peter 1:25

## THE BIBLE WARNS

Do Not Add to Nor Subtract..................Deut. 4:2; Prov. 30.6; Rev 22:18,19
Do Not Substitute Human Ideas..................................................Mark. 7:7-9.
Preach and Teach Only God's Word............................................2 Tim. 4:2; 1 peter 4:11
Believe No Other Gospel..........................................................Galatians 1:8
His Word Will Judge Us...........................................................John 12:48

## THE BIBLE ANSWERS THREE QUESTIONS

1. The Origin Of Life..................Where Did I Come From?
2. The Purpose Of Life.......................Why Am I Here?
3. After Death..............................Where Am I Going?

## THE BIBLE CONTAINS

The Mind Of God
The State Of Man
The Way Of Salvation
The Happiness Of Believers
The Doom of Sinners

From The Secret to Waking Up the Pew Potatoes by John-mark Willson.

# Thank You, Father !

Thank You so much, Father, for the faithful few
Who at every assembly come to worship You.
Those who still long for what made them alive
That divine food and drink by which they survive.
Found only in the Book of books from Your own hand
That freed us from sin and by which we stand.
Please keep them and guide them each and every day
That they stray not from the straight and narrow way.
My prayer to You, Father, is for those who were once true
Who by the world and Satan are no longer strong for You.
Things have takes Your place in the hearts of some
And no longer to the Fount of love and life do they come.
You gave us the choice at the assemblies to be
But how we choose decides life with or without Thee.
Dear God, please strengthen the hearts of the faithful few
That in Heaven their journey will end living with You.

- Everette Bohrer

From :
SATYA VANI
P.O. BOX. 80
KAKINADA - 533 001.

PRINTED BOOK ONLY

To

(FOR PRIVATE CIRCULATION ONLY)